# NATIONAL NEWS BULLETIN (ODIA)

## 9 June 2026

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଲ୍ୟାଣ୍ଡପୋର୍ଟ୍ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଭାରତର ଫାର୍ମା ଶିଳ୍ପ କ୍ଷେତ୍ର ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିଗୁଣିତ ହେବ, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।
- ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ସ୍ଥିତ ରାଷ୍ଟ୍ରୀୟ ଇସ୍ପାତ୍ ନିଗମ ଲିମିଟେଡ୍ ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଯୋଗୁଁ ୮ ଜଣଙ୍କର ମୃତ୍ୟୁ ।

– ଗଭୀର ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆଜି ପାଳନ କରାଯିବ ଦଶବର୍ଷର ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନା – ଏକ ଉତ୍ସର୍ଗୀକୃତ ଯତ୍ନ ଶୀର୍ଷକ ସମାରୋହ ।

ଏବଂ

- ଓଡ଼ିଶା ସମେତ ଦେଶର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ ।

## ଶାହା-ଲ୍ୟାମ୍ପସ୍ ସିଷ୍ଟମ୍ ଲଞ୍ଚ

ନୂଆଦିଲ୍ଲୀରେ ଆଜି ଲ୍ୟାଣ୍ଡପୋର୍ଟ୍ ପରିଚାଳନା ବ୍ୟବସ୍ଥା ଏଲ୍.ପି.ଏମ୍.ଏସ୍.ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁଭାରମ୍ଭ କରିବେ । ସୀମାପାର ବାଣିଜ୍ୟ ଓ ଯାତ୍ରୀ ପରିବହନରେ ଦକ୍ଷତା, ସ୍ୱଚ୍ଛତା ଏବଂ ସୁରକ୍ଷା ବୃଦ୍ଧି କରିବା ଏହି ବ୍ୟବସ୍ଥାର ମୂଳ ଲକ୍ଷ୍ୟ । ସ୍ମାର୍ଟ୍ ସୀମା ପରିଚାଳନା ପ୍ରତି ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଏହା ପ୍ରତିଫଳନ କରିବ । ଏହି ଡିଜିଟାଲ୍ ପ୍ଲାଟ୍ଫର୍ମ ଲ୍ୟାଣ୍ଡ ପୋର୍ଟ୍ ଗୁଡ଼ିକରେ କାର୍ଯ୍ୟକୁ ଏକୀକୃତ ବ୍ୟବସ୍ଥା ମାଧ୍ୟମରେ ସମନ୍ୱିତ ଭାବେ କାର୍ଯ୍ୟକ୍ଷମ କରିବା ଲାଗି ପ୍ରସ୍ତୁତ କରାଯାଇଛି । ପରିଚାଳନାଗତ ଏବଂ ନିୟାମକ ସୂଚନାର ସୁରକ୍ଷା, ସମୟୋପଯୋଗୀ ଆଦାନପ୍ରଦାନକୁ ସୁଦୃଢ଼ କରିବା ଏବଂ ଲ୍ୟାଣ୍ଡ ପୋର୍ଟ୍ଗୁଡ଼ିକୁ ବିମାନ ବନ୍ଦର ଓ ସାମୁଦ୍ରିକ ବନ୍ଦର ସହ ସମନ୍ୱୟ ରକ୍ଷା ମାଧ୍ୟମରେ କାର୍ଯ୍ୟ କରିବାରେ ଏହା ସହାୟକ ପ୍ରଦାନ କରିବ । ଏହି ବ୍ୟବସ୍ଥା ସରକାରୀ ସଂସ୍ଥା ତଥା ଘରୋଇ ଅପରେଟରଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ଉନ୍ନତ କରିବ । ସ୍ଲଟ୍ ବୁକିଂ, ଦେୟ ପ୍ରଦାନ ବ୍ୟବସ୍ଥା

ଏବଂ ସିଙ୍ଗଲ୍ ଓ୍ୱିଣ୍ଡୋ କ୍ଲିୟରାନ୍ସ ଆଧାରରେ ସାମଗ୍ରୀ ଓ ଯାତ୍ରୀ ପରିବହନ ପାଇଁ ବ୍ୟବସ୍ଥିତ କାର୍ଯ୍ୟ ପ୍ରଣାଳୀରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ଗୋୟଲ-ଫାର୍ମା

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ଭାରତର ଫାର୍ମା ଶିଳ୍ପ କ୍ଷେତ୍ର ଦ୍ୱିଗୁଣିତ ହେବ । ନବସୃଜନ, ବିଶ୍ୱ ସହଭାଗିତା ଏବଂ ବ୍ୟାପକ ଆନ୍ତର୍ଜାତିକ ବଜାର ପ୍ରବେଶ ମାଧ୍ୟମରେ ଏହା ସମ୍ଭବ ହେବ ବୋଲି ଶ୍ରୀ ଗୋୟଲ ଆଶାବ୍ୟକ୍ତ କରିଛନ୍ତି ।

ନୂଆଦିଲ୍ଲୀରେ ଫାର୍ମା କ୍ଷେତ୍ର ଆଧାରିତ ବିଶ୍ୱ ସମ୍ମିଳନୀ ଓ ବିଶ୍ୱ ଫାର୍ମା ନିୟାମକ ସମ୍ମିଳନୀ ଏବଂ ଔଷଧ ଓ ସ୍ୱାସ୍ଥ୍ୟ ସେବା ଆନ୍ତର୍ଜାତିକ ପ୍ରଦର୍ଶନୀର ପୂର୍ବାଲୋକନ ସମାରୋହକୁ ଗତକାଲି ସମ୍ବୋଧନ କରି ଶ୍ରୀ ଗୋୟଲ ଏହା କହିଛନ୍ତି । ସେ କହିଛନ୍ତି, ଇତିମଧ୍ୟରେ ଭାରତ ବିଭିନ୍ନ ରାଷ୍ଟ୍ର ସହ ୯ଟି ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ କରିଛି । ଏହାଦ୍ୱାରା ୫୦ରୁ ଅଧିକ ଦେଶ ସହ ବାଣିଜ୍ୟ କ୍ଷେତ୍ରରେ ଭାରତ ସଂଯୋଗ ସ୍ଥାପନ କରିପାରିଛି । ବିକଶିତ ବିଶ୍ୱର ବିଭିନ୍ନ ଦେଶର ବଜାର ପ୍ରବେଶ ସମ୍ଭବ ହୋଇପାରିଛି ।

ଜେନେରିକ୍ ଔଷଧ କ୍ଷେତ୍ରରେ ଗବେଷଣା, ନବସୃଜନ ଏବଂ ଉଚ୍ଚ ମୂଲ୍ୟଯୁକ୍ତ ଫାର୍ମା ଉତ୍ପାଦ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ଭାରତ ଅଗ୍ରସର ହେଉଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । ଏହି ଅବସରରେ ଶ୍ରୀ ଗୋୟଲ ଭାରତର ଫାର୍ମା କ୍ଷେତ୍ର ବିଶ୍ୱ ସ୍ୱାସ୍ଥ୍ୟସେବାର ଭବିଷ୍ୟତ ଗଠନ ଏବଂ ସୁଲଭ ମୂଲ୍ୟରେ ଔଷଧ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ଏପି-ଆକ୍ସିଡେଣ୍ଟ

ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ସ୍ଥିତ ରାଷ୍ଟ୍ରୀୟ ଇସ୍ପାତ୍ ନିଗମ ଲିମିଟେଡ୍ ପ୍ଲାଣ୍ଟରେ ଗତକାଲି ଅଗ୍ନିକାଣ୍ଡ ଯୋଗୁଁ ୮ ଜଣଙ୍କର ମୃତ୍ୟୁ ହୋଇଛି, ଅନ୍ୟ ୬ ଜଣ ଆହତଙ୍କ ହୋଇଛନ୍ତି । ଅପରାହ୍ଣରେ ଷ୍ଟିଲ୍ ମେଣ୍ଟ ସପ୍ ପ୍ରଥମର କାଷ୍ଟିଂ କାର୍ଯ୍ୟ ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।  ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ରାଷ୍ଟ୍ରୀୟ ଇସ୍ପାତ୍ ନିଗମ ଲିମିଟେଡ୍ ପକ୍ଷରୁ ଦୁର୍ଘଟଣାର ତଦନ୍ତ ଆରମ୍ଭ କରାଯାଇଛି । ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ର ବୋକାରୋ ଷ୍ଟିଲ୍ ପ୍ଲାଣ୍ଟର କାର୍ଯ୍ୟକାରି ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ତିନି ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି ।

ଇସ୍ପାତ୍ ମନ୍ତ୍ରୀ ଏଚ୍.ଡି. କୁମାର ସ୍ୱାମୀ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଗତକାଲି ରାତିରେ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି । ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କ ଲାଗି ୨୫ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏଥିସହ ପ୍ରଭାବିତ ପରିବାର ଇସ୍ପାତ୍ କାରଖାନାର କ୍ୱାର୍ଟର୍‌ରେ ରହିବେ ଏବଂ ସେମାନଙ୍କ ପିଲାମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ମୃତକଙ୍କ ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟି ନିଯୁକ୍ତି ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀ କୁମାର ସ୍ୱାମୀ କହିଛନ୍ତି ।

ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି ।

## ଗୋୟଲ-ଆସାମ

ଆସାମର ଜି.ଆଇ-ଟ୍ୟାଗ୍ ଯୁକ୍ତ ତେଜପୁରର ପ୍ରସିଦ୍ଧ ଲିଚି ଆନ୍ତର୍ଜାତିକ ବଜାରରେ ପହଞ୍ଚୁଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ କର୍ତ୍ତୃପକ୍ଷ ସହାୟତାରେ ପ୍ରଥମଥର ପାଇଁ ଦୁବାଇକୁ ରପ୍ତାନୀ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ଏହି ପଦକ୍ଷେପ ଲିଚିକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ କରିବା ସହ ଚାଷୀଙ୍କ ଆୟ ବୃଦ୍ଧିରେ ସହଯୋଗ ପ୍ରଦାନ କରିବ । ଉତ୍ତର-ପୂର୍ବ ଭାରତର କୃଷି ଉତ୍ପାଦ ପାଇଁ ଏହା ମାଧ୍ୟମରେ ଏକ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ଗୋୟଲ ଆଶାବ୍ୟକ୍ତ କରିଛନ୍ତି ।

## ନଡ୍ଡା- ପିଏମ୍ ମାତୃତ୍ୱ ଅଭିଯାନ

ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଆଜି ୧୦ ବର୍ଷ ପୂରଣ କରିଛି । ୨୦୧୬ ମସିହା ଜୁନ୍ ମାସ ୯ ତାରିଖରେ ଦେଶବ୍ୟାପୀ ଏହି ଅଭିଯାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଥିଲେ। ପ୍ରସୂତି ମହିଳାଙ୍କୁ ମାଗଣା ଚିକିତ୍ସା ତଥା ଗୁଣାତ୍ମକ ପ୍ରସବଜନିତ ସେବା ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ସ୍ୱତନ୍ତ୍ର କାର୍ଯ୍ୟକ୍ରମର

ଆୟୋଜନ କରାଯାଉଛି। ଏହି ଅବସରରେ ଆଜି ଦେଶ ବ୍ୟାପି ଦଶ ବର୍ଷର ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନା ଏକ ଉତ୍ସର୍ଗୀକୃତ ଯନ୍ ଶୀର୍ଷକ ସମାରୋହ ଅନୁଷ୍ଠିତ ହେବ । ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ନୂଆଦିଲ୍ଲୀଠାରେ ଏହାର ଶୁଭାରମ୍ଭ କରିବା ସହ ଏକ ୭୫ ଟଙ୍କାର ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରା ଏବଂ ୫ ଟଙ୍କାର ଡାକ ଟିକଟ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି।

## ଗଭ୍-୧୨ ଇୟର୍ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨ ବର୍ଷର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ ଦୃଷ୍ଟିକୋଣ ଆଧାରରେ ଦେଶରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଗରିବ, କୃଷକ, ମହିଳା ଏବଂ ଯୁବବର୍ଗଙ୍କ କଲ୍ୟାଣ ଓ ସଶକ୍ତିକରଣ ପାଇଁ ସରକାର ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗ ସରକାରଙ୍କ ୧୨ ବର୍ଷର କାର୍ଯ୍ୟକାଳରେ ଗ୍ରହଣ କରାଯାଇଥିବା ବିଶେଷ ପଦକ୍ଷେପଗୁଡ଼ିକ ଉପରେ ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରୁଛି । ଆଜି ଆସନ୍ତୁ ଜାଣିବା ସ୍ୱାସ୍ଥ୍ୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ...

ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିପାରିଛି । ୨୦୧୮ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆରମ୍ଭ କରିଥିବା ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥାରେ ପରିଣତ ହୋଇଛି । ଏହା ମାଧ୍ୟମରେ ସୁଗମ, ସୁଲଭ ଏବଂ ଗୁଣବତ୍ତା ସମ୍ପନ୍ନ ସ୍ୱାସ୍ଥ୍ୟସେବା ହିତାଧିକାରୀଙ୍କୁ ପ୍ରଦାନ କରାଯାଇପାରିଛି । ବାର୍ଷିକ ପ୍ରତି ପରିବାର ପିଛା ଏହି ଯୋଜନା ଅଧୀନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଛି ।

ଇତିମଧ୍ୟରେ ଏହି ଯୋଜନା ଅଧୀନରେ ୪୪ କୋଟିରୁ ଅଧିକ ଆୟୁଷ୍ମାନ୍ କାର୍ଡ଼ ବଣ୍ଟନ କରାଯିବା ସହ ୧ ଲକ୍ଷ ୮୦ ହଜାର କୋଟିରୁ ଅଧିକ ବ୍ୟୟରେ ଚିକିତ୍ସା ସୁବିଧା ପ୍ରଦାନ କରାଯାଇ ପାରିଛି । ୨୦୨୪ ଅକ୍ଟୋବରରେ ଏହି ଯୋଜନାକୁ ଅଧିକ ବ୍ୟାପକ କରି ସରକାର ଆୟୁଷ୍ମାନ୍ ଭାରତ ବୟୋବନ୍ଦନା ଯୋଜନାର ଆରମ୍ଭ କରିଥିଲେ । ୭୦ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ନାଗରିକଙ୍କୁ ଏହା ଅଧୀନରେ ମାଗଣା ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରାଯାଇପାରୁଛି ।

# ୟୁଏସ୍-କୋର୍ଟ୍

ଆମେରିକାର **H-1B** ଭିସା ଆବେଦନ ପାଇଁ ୧ ଲକ୍ଷ ଆମେରିକୀୟ ଡଲାର୍ ଫି’ ଆଦାୟ ବେଆଇନ୍ ବୋଲି ସେଠାକାର ଏକ ଫେଡେରାଲ୍ କୋର୍ଟ୍ ରାୟ ପ୍ରଦାନ କରିଛି । ମାସାଚୁସେଟସ୍‌ର ବୋଷ୍ଟନ୍‌ରେ ଥିବା ୟୁ.ଏସ୍. ଜିଲ୍ଲା କୋର୍ଟ୍ ବିଚାରପତି ଲିଓ ସୋରୋକିନ୍ ଏହି ରାୟ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ୟୁ.ଏସ୍. କଂଗ୍ରେସର ଆବଶ୍ୟକ ସମର୍ଥନ ବିନା ଏଭଳି ନିୟମ ପ୍ରଣୟନ ଯୁକ୍ତିଯୁକ୍ତ ନୁହେଁ । ଫେଡେରାଲ୍ କୋର୍ଟ୍‌ର ଏହି ନିଷ୍ପତ୍ତିକୁ ଆମେରିକାରେ ବସବାସ କରୁଥିବା ପ୍ରବାସୀ ଭାରତୀୟ ଆଇନ୍‌ଜୀବୀ ଗୋଷ୍ଠୀ ସ୍ୱାଗତ କରିଛନ୍ତି । **H-1B** ହେଉଛି, ସବୁଠାରୁ ପ୍ରଚଳିତ ଆମେରିକୀୟ କାର୍ଯ୍ୟ ଭିସା ମଧ୍ୟରେ ଅନ୍ୟତମ । ଆମେରିକୀୟ କମ୍ପାନୀଗୁଡ଼ିକୁ ଦକ୍ଷ ମାନବ ସମ୍ବଳ ଉପଯୋଗ କରିବା ନେଇ ଏହି ଭିସା ସହାୟକ ହୋଇଥାଏ ।

# ଦୁବାଇ-ଆକ୍ସିଡେଣ୍ଟ

ଦୁବାଇରେ ଏକ ସଡ଼କ ଦୁର୍ଘଟଣାରେ କେତେକ ଭାରତୀୟ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ଭାରତୀୟ କନ୍‌ସୁଲେଟ୍ ଜେନେରାଲ୍ ସୂଚନା ଦେଇଛନ୍ତି । କନ୍‌ସୁଲେଟ୍ ଜେନେରାଲ୍‌ଙ୍କ କାର୍ଯ୍ୟାଳୟର ଅଧିକାରୀ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଆହତଙ୍କୁ ଭେଟି ପରିସ୍ଥିତିର ସମୀକ୍ଷା କରିଛନ୍ତି ।

ସେମାନଙ୍କୁ ସମ୍ଭାବ୍ୟ ସହାୟତା ଓ ସମର୍ଥନ ଯୋଗାଇବା ଲକ୍ଷ୍ୟ ନେଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା ମାଧ୍ୟମରେ କାର୍ଯ୍ୟ କରାଯାଉଛି ବୋଲି କନ୍ସୁଲେଟ୍ ଜେନେରାଲ୍‌ଙ୍କ କାର୍ଯ୍ୟାଳୟ ସୂଚନା ଦେଇ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କନ୍ସୁଲେଟ୍ ଜେନେରାଲ୍ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି ।

## ଆଇଏମ୍‌ଡି ଓ୍ୱେଦର

ଦେଶର ଉତ୍ତର-ପଶ୍ଚିମାଞ୍ଚଳ ଏବଂ ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକ ସହ ପଶ୍ଚିମ ରାଜସ୍ଥାନ ଓ ବିଦର୍ଭରେ ଆଜି ପ୍ରବଳ ଗ୍ରୀଷ୍ମ ପ୍ରକୋପ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଓଡ଼ିଶା ସମେତ କୋଙ୍କଣ, ଗୋଆ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲ୍‌ରେ ଆଜି ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ । ଅନ୍ୟ ପକ୍ଷରେ କର୍ଣ୍ଣାଟକ ଉପକୂଳ, କେରଳମ୍, ମାହେ, କର୍ଣ୍ଣାଟକର ଉତ୍ତର ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଉପ-ହିମାଳୟ ଅଞ୍ଚଳ, ସିକ୍କିମ୍, ରୟାଲ୍‌ସୀମା, ତାମିଲନାଡୁ, ପୁଡୁଚେରୀ ଏବଂ ଉତ୍ତର-ପୂର୍ବ

ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।